## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ଆହତ କାଲୁ ବିଶ୍ୱାଳ ଗିରଫ

ଆସିକା,୨୨।୧୦(ଡି.ଏନ୍.ଏ): ଆସିକା-ବାଲିପଦର ମୁଖ୍ୟ ରାସ୍ତାର ଚାରିମଇଲି ଛକ ନିକଟରେ ଅଗଷ୍ଟ ୯ରେ ପୋଲିସ ଏନ୍‌କାଉଣ୍ଟରରେ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ କାଲୁ ବିଶ୍ୱାଳ ଗୁରୁତର ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। କାଲୁ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇ ସୋମବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗଞ୍ଜାମ ଜିଲାର ଆସିକା, ବ୍ରହ୍ମପୁର, କବିସୂର୍ଯ୍ୟନଗର, ଧରାକୋଟ ଓ ବଡଗଡ ଆଦି ଥାନା ଇଲାକାରେ ହତ୍ୟା, ରାହାଜାନି, ବୋମାମାଡ, ଦାଦାବଟି ଆଦାୟ ଭଳି ଆପରାଧିକ ମାମଲା ସହ ବଡଗଡଠାରେ ଘଟିଥିବା ସନିଆ ବିଶୋୟୀ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଥିଲେ କାଲୁ। ଏହି ହତ୍ୟା ମାମଲାରେ କାଲୁଙ୍କୁ କାବୁ କରିବା ଲାଗି ପୋଲିସ ତାଙ୍କୁ ପିଛା କରୁଥିବାବେଳେ ଅଗଷ୍ଟ ୯ରେ କାଲୁ ଏକ ବାଇକରେ ଚାରିମଇଲି ଛକ ଦେଇ ଯାଉଥିଲା ବେଳେ ପୋଲିସ ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ସେ ବର୍ତ୍ତିବାକୁ ଯାଇ ପୋଲିସ ଉପରକୁ ଚାରି ରାଉଣ୍ଡ ଗୁଳି ଫୁଟାଇଥିଲେ। ଏହି ଘଟଣା ପରେ ପୋଲିସ ପକ୍ଷରୁ ପାଲଟା ଗୁଳିଚାଳନାରେ କାଲୁ ଗୁରୁତର ହେବା ସହ ତାଙ୍କୁ କାବୁ କରିବାକୁ ପିଛା କରୁଥିବା ଆସିକା ଓ ବଡଗଡ ଥାନା ଅଧିକାରୀ ମଧ ଆହତ ହୋଇଥିଲେ। ପୋଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ ଅଭିଯୋଗରେ ପୋଲିସ ପକ୍ଷରୁ ନଂ.୨୪୫/୧୮ରେ ଆସିକା ଥାନାରେ ମାମଲା ରୁଜୁ ହୋଇଥିଲା।

### ନୂତନ ଡିଏଫ୍‌ଓଙ୍କ ଦାୟିତ୍ୱ ଗ୍ରହଣ



ଭଞ୍ଜନଗର,୨୨।୧୦(ଡି.ଏନ.ଏ.)- ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ନୂତନ ଡ଼ିଏଫଓ ଭାବେ ଅରୁଣ କୁମାର ସ୍ୱାଇଁ ସୋମବାର ଅପରାହ୍ନରେ ପୂର୍ବତନ ଡିଏଫଓ ରାମସାମୀ ପି.ଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସ୍ୱାଇଁ ଆଠଗଡ଼ରୁ ଏଠାକୁ ବଦଳି ହୋଇ ଆସିଥିବା ବେଳେ ରାମସାମୀ ସାତକୋଶିଆ ବନ୍ୟପ୍ରାଣୀ ଡିଭିଜନକୁ ବଦଳି ହୋଇ ଯାଇଛନ୍ତି। ଏହି ଅବସରରେ ଡିଏଫ୍‌ଓ କାର୍ଯ୍ୟାଳୟ ପରିସରରେ ନୂତନ ଡିଏଫଓଙ୍କୁ ସ୍ୱାଗତ ଓ ପୂର୍ବତନ ଡିଏଫଓଙ୍କୁ ବିଦାୟ ସମ୍ବର୍ଦ୍ଧନା କର୍ମଚାରୀମାନଙ୍କ ପକ୍ଷରୁ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଏସିଏଫ ସୁଦର୍ଶନ ବାଦୀ ପ୍ରମୁଖ ପରିଚାଳନା କରିଥିଲେ। ଦାୟିତ୍ୱ ନେବାପରେ ସ୍ୱାଇଁ ଜଙ୍ଗଲ ସୁରକ୍ଷା ଓ ପୁନରୁଦ୍ଧାର କାର୍ଯ୍ୟପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

# ବାତ୍ୟା, ବନ୍ୟା ପରିସ୍ଥିତି ସମ୍ଭାଳିବାରେ ରାଜ୍ୟ ସରକାର ବିଫଳ

ଆସିକା,୨୨।୧୦(ଡି.ଏନ୍.ଏ.)

ସମ୍ପ୍ରତି ଗଜପତି ଓ ଗଞ୍ଜାମ ଜିଲାରେ ଘଟିଯାଇଥିବା ବାତ୍ୟା ଓ ବନ୍ୟାରେ ଜନସାଧାରଣ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ବିପନ୍ନଙ୍କୁ ଉପଯୁକ୍ତ ରିଲିଫ ପ୍ରଦାନ ସହ ସେମାନଙ୍କ ସମସ୍ୟା ସମ୍ଭାଳିବାରେ ବହୁ ଜିଲାରେ କାର୍ଯ୍ୟ ଚାଲିଥିଲା ବେଳେ ସରକାର ଏହା ସମ୍ଭାଳିବାରେ ବ୍ୟର୍ଥ ହୋଇଛନ୍ତି ବୋଲି କଂଗ୍ରେସ ଦଳର ଓଡିଶା ପ୍ରଭାରୀ ଜିତେନ୍ଦ୍ର ସିଂ ଅଭିଯୋଗ କରିଛନ୍ତି। ସୋମବାର ଅପରାହ୍ନରେ ଆସିକା ବନ୍ୟାଞ୍ଚଳ ପରିଦର୍ଶନରେ ଆସି ପ୍ରଭାରୀ ସିଂ ସରକାର ତୁରନ୍ତ ଜନସାଧାରଣଙ୍କୁ ଉପଯୁକ୍ତ ରିଲିଫ ପ୍ରଦାନ ସହ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ଲାଗି ଦାବି କରିଛନ୍ତି। ସିଂଙ୍କ ନେତୃତ୍ୱରେ ଆସିଥିବା ରାଜ୍ୟ ବିଧାନସଭା ବିରୋଧୀଦଳ ନେତା ନରସିଂହ ମିଶ୍ର କହିଲେ, ବନ୍ୟା ପରବର୍ତ୍ତି ଅବସ୍ଥାରେ ଜନସାଧାରଣଙ୍କୁ ଉପଯୁକ୍ତ ରିଲିଫ ମିଳିପାରି ନାହିଁ। ସେମାନଙ୍କ ଘରର ବାସନକୁସନ, ବହିପତ୍ର, ଲୁଗାପଟା ଭାସିଯାଇଥିଲେ ମଧ ଅଦ୍ୟାବଧି ମାତ୍ର ୨ଦିନର ରିଲିଫ ଛଡା କୌଣସି ସହାୟତା ଯୋଗାଇ ଦିଆଯାଇନଥିବା ପୀଡିତମାନେ ଅଭିଯୋଗ କରୁଛନ୍ତି। ବାସ୍ତବରେ ଏହା ଦୁର୍ଭାଗ୍ୟଜନକ। ଏ ସମ୍ପର୍କରେ ଆଗାମୀ ବିଧାନ ସଭାରେ ନିଶ୍ଚିତ ଭାବେ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ଗୋଟିଏ ସରକାର ଓ କେନ୍ଦ୍ରରେ ଗୋଟିଏ ସରକାର ଏଭଳି ୨ଟି ସରକାର ଚାଲିଛି। ତେବେ ଉଭୟେ ପରସ୍ପରକୁ ଦୋଷାରୋପରେ ମାତି ଲୋକଙ୍କ କଥା ଭୂଲି ଯାଉଛନ୍ତି। ସରକାରଙ୍କ ଏଭଳି କାର୍ଯ୍ୟକୁ ଆମ୍ଭେ ଦୃଢ ନିନ୍ଦା କରୁଛୁ। ସବୁଠାରୁ ଦୁର୍ଭାଗ୍ୟଜନକ ଖବର ହେଲା ସେ ବିରୋଧୀଦଳ ନେତା ଭାବେ ଏଠାକୁ ଆସିବା ସମ୍ପର୍କରେ ପୂର୍ବରୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କୁ ଖବର ଦେଇଥିଲେ ମଧ କେହି ହେଲେ ଏଠାରେ ଉପସ୍ଥିତି ନାହାନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି, ସେମାନଙ୍କର ଜନସାଧାରଣଙ୍କୁ ସାମ୍ନା କରିବା ପାଇଁ ଏବେ ମୋ ପ୍ରଶ୍ନର ଉତ୍ତର ଦେବା ପାଇଁ ନୈତିକ ସାହାସ ନାହିଁ। ଏହା ଗଣତନ୍ତ୍ର ପ୍ରତି ବିପଦ ଏବଂ ଏହାର ଉତ୍ତର ଆଗାମୀ ବିଧାନସଭାରେ ସରକାରଙ୍କୁ ନିଶ୍ଚିତ ଭାବେ ଦେବାକୁ ହେବ। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସଂପାଦକ ଅନିଲ ଚୌଧୁରୀ, ରାଜ୍ୟ ପି.ସି.ସି. କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ରମେଶ ଜେନା, ପି.ସି.ସି. ସଂପାଦକ ମନୋଜ କୁମାର ଜେନା, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦୀପକ ପଟ୍ଟନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ନୃସିଂହ କୁମାର ରଥ, ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅନିଲ ପରିଡାଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ଥିଲେ। ଏହି ପ୍ରତିନିଧି ଦଳ ଆସିକା କଲେଜ ଛକ ପଡିଆରେ ହେଲିକପ୍ଟରରୁ ଓହ୍ଲାଇ ସଡକ ପଥରେ ଅପରାହ୍ନ ୪ଟାରେ ଆସିକା ବସଷ୍ଟାଣ୍ଡରେ ପହଞ୍ଚିଥିଲେ।



କଂଗ୍ରେସ ପ୍ରତିନିଧି ଦଳର ଆସିକା ସହରର ବନ୍ୟାଞ୍ଚଳ ପରିଦର୍ଶନ।

### ଯୁବକ ସଂଘ କୋଠା ନିର୍ମାଣକୁ ନେଇ ୨ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା

# କଂଗ୍ରେସ ସମର୍ଥକଙ୍କ ଆକ୍ରମଣରେ ୪ ବିଜେଡି ସମର୍ଥକ ଆହତ

ଦିଗପହଣ୍ଡି, ୨୨।୧୦(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କୋଟିନଡ଼ା ଗ୍ରାମ ଯୁବକ ସଂଘ କୋଠା ନିର୍ମାଣକୁ କେନ୍ଦ୍ରକରି ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ବିଜେଡି ସମର୍ଥକ କେଶବ ବିଶୋୟୀ ନିର୍ମାଣ କାର୍ଯ୍ୟକୁ ବିରୋଧ କରିବାରୁ କଂଗ୍ରେସ ସମର୍ଥକମାନେ କେଶବ ଓ ତାଙ୍କ ପରିବାର ସଦସ୍ୟଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। କେଶବଙ୍କ ସ୍ତ୍ରୀଙ୍କ ଏତଲାକ୍ରମେ ଥାନା ମାମଲା ନଂ.୧୮୭/୧୮ରେ ମାମଲା ରୁଜୁ ହୋଇଛି। କଂଗ୍ରେସ ସମର୍ଥୀତ ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ୬ ଜଣ ସହଯୋଗୀଙ୍କ ନାଁରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

ପ୍ରକାଶ ଯେ, କେଶବଙ୍କ ଘର ସମ୍ମୁଖରେ ଥିବା ସରକାରୀ ରାସ୍ତାରେ ଯୁବକ ସଂଘ କୋଠା ନିର୍ମାଣକୁ ସେ ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ରବିବାର ମଧ୍ୟାହ୍ନରେ କଂଗ୍ରେସ ସମର୍ଥକମାନେ ତାଙ୍କୁ ଆକ୍ରମଣ କରିଥିବା ଏତଲାରେ ଉଲ୍ଲେଖ ଅଛି। ଆକ୍ରମଣରେ କେଶବଙ୍କ ସମେତ ତାଙ୍କ ସ୍ତ୍ରୀ ବୁଲି, ପୁଅ ଚନ୍ଦନ ଓ ସନାତନ ଆହତ ହୋଇଥିବା ଜଣାପଡ଼ିଛି। ଅପରପକ୍ଷରେ ଯୁବକ ସଂଘ ନାଁରେ ରେକର୍ଡ ହୋଇଥିବା ଖାତା ନଂ.୬୧୯ ପ୍ଲଟ ନଂ.୧୬୬୪ରେ ଥିବା ଜମିରେ ଯୁବକ ସଂଘର ନୂଆ କୋଠା ନିର୍ମାଣ ଚାଲୁ ରହିଛି। ପଞ୍ଚାୟତର ନିର୍ଦ୍ଧାରଣ ଅନୁଯାୟୀ ଆମ ଗାଁ ଆମ ବିକାଶ ଯୋଜନାରେ ୪ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ କୋଠା ନିର୍ମାଣ କରାଯାଉଛି। ଗ୍ରାମସଭାରେ ସର୍ବସମ୍ମତ ନିଷ୍ପତ୍ତି ଅନୁଯାୟୀ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୁରୁଣା ଅବ୍ୟବହୃତ କୋଠାକୁ ଭଙ୍ଗାଯାଇଥିଲା ବୋଲି ସରପଞ୍ଚ ନମିତା ବିଶୋୟୀ ଜଣାଇଛନ୍ତି। ବିଜେଡି ସମର୍ଥକ କେଶବଙ୍କ ଅଭିଯୋଗ ଭିତ୍ତିହୀନ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେ ପ୍ରକାଶ କରିଛନ୍ତି। ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିଲେ ମଧ ପରିସ୍ଥିତି ନିୟନ୍ତ୍ରଣାଧିନ ଥିବା ପୋଲିସ କହିଛି।

# ଜୁଆ ଆଡ୍ଡାରେ ଚଢ଼ାଉ, ୩୧ ଗିରଫ



ଜବତ ଟଙ୍କା ଓ ମୋବାଇଲ ଫୋନ୍।

ଭଞ୍ଜନଗର,୨୨।୧୦(ଡି.ଏନ.ଏ.)

ଭଞ୍ଜନଗର ପୋଲିସ ସୋମବାର ୫ଟି ଜୁଆ ଆଡ୍ଡାରେ ଚଢାଉ କରି ୩୧ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ଠାରୁ ୬୮ହଜାର ୮୯୦ ଟଙ୍କା, ୧୦ଟି ମୋବାଇଲ ଫୋନ୍ ସମେତ ଅନ୍ୟାନ୍ୟ ଜିନିଷ ଜବତ କରାଯାଇଛି। ପ୍ରଥମେ ଯୋଗିମାରୀ ଗ୍ରାମ ନିକଟରେ ଚାଲିଥିବା ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇଥିଲା। ସେଠାରୁ ୭ଜଣଙ୍କୁ ଗିରଫ କରାଯାଇଥିଲା। ଦ୍ୱିତୀୟରେ ବେଲଗୁଣ୍ଠାରେ ଚଢ଼ାଉ କରାଯାଇ ୮ଜଣ, ତୃତୀୟରେ ନୂଆଁଗା ଖଦାଳସାହିରୁ ୫ଜଣ, ଚତୁର୍ଥରେ ବାଣତୁମ୍ବ ଖଦାଳସାହିରୁ ୩ଜଣ ଓ କୁଲାଡ଼ ମେନ୍‌ରୋଡ଼ରୁ ୮ଜଣଙ୍କୁ ଚଢ଼ାଉ କରି ଗିରଫ କରାଯାଇଛି। ଥାନା ଅଧିକାରୀ ଅଶ୍ୱିନୀ କୁମାର ବିଶ୍ୱାଳ, ବେଲଗୁଣ୍ଠା ଫାଣ୍ଡି ଅଧିକାରୀ ସବ୍ୟସାଚୀ ମଲ୍ଲ ଏହି ଚଢ଼ାଉର ନେତୃତ ନେଇଥିଲେ।

# ୮ଦଫା ଦାବି ନେଇ ପାଚିକା ସହାୟିକା ସଂଘର ଦାବିପତ୍ର

ଶେରଗଡ,୨୨।୧୦(ଡି.ଏନ୍.ଏ.)

ଶେରଗଡ ବ୍ଲକ ପାଚିକା ସହାୟିକା ସଂଘ ପକ୍ଷରୁ ସୋମବାର ୮ ଦଫା ଦାବି ନେଇ ବ୍ଲକ, ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଶେରଗଡରେ ରାଲି ଅନୁଷ୍ଠିତ ହୋଇଯାଇଛି। ପାଚିକା ସହାୟିକା ମାନେ ଦକ୍ଷିଣକାଳୀ ପୀଠରେ ଏକତ୍ରିତ ହୋଇ ସେଠାରୁ ରାଲିରେ ଯାଇ ବ୍ଲକ ସମ୍ମୁଖରେ ଘଣ୍ଟିକିଆ ଧାରଣା ଦେଇଥିଲେ। ୮ଦଫା ସମ୍ବଳିତ ଏକ ଦାବିପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ସୁରଞ୍ଜନ କୁମାର ସାହୁଙ୍କୁ ପ୍ରଦାନ କରିବା ପରେ ରାଲି ବିଇଓ କାର୍ଯ୍ୟାଳୟ ଅଭିମୁଖେ ଯାଇଥିଲା। ସେଠାରେ ଏକ ଘଣ୍ଟିଆ ଧାରଣା ପରେ ବିଇଓ ଭାସ୍କର ଲେଙ୍କାକୁ ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକର କିଛି ବିଦ୍ୟାଳୟରେ ପାଚିକାମାନଙ୍କୁ ବାହାର କରାଯାଇ ନୂଆ ନିଯୁକ୍ତିକୁ ବିରୋଧ, ନିୟମିତ ଦରମା ପ୍ରଦାନ, ପାଚିକା ସହାୟିକାଙ୍କୁ ଗଣବେଶ ପ୍ରଦାନ କରିବା, ସାମାଜିକ ସୁରକ୍ଷା ଓ ଚତୁର୍ଥ ଶ୍ରେଣୀର ମାନ୍ୟତା ପ୍ରଦାନ ପ୍ରମୁଖ ଦାବି ରହିଛି। ବିଇଓ ଲେଙ୍କା ଏନେଇ ଉପରିସ୍ଥ କାର୍ଯ୍ୟାଳୟକୁ ପଠାଇ ବିହିତ ପଦକ୍ଷେପ ନିଆଯିବ ବୋଲି କହିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଉକ୍ତ ଆନ୍ଦୋଳନରେ ବ୍ଲକ ପାଚିକା ସହାୟିକା ସଂଘର ସଭାପତି ଗୋପାଳ ପାଣିଗ୍ରାହୀ, ସମ୍ପାଦିକା ମମତା ଦାସ, ଜ୍ୟୋତ୍ସ୍ନା ବିଷୋୟୀ, କସ୍ତୁରୀ ସ୍ୱାଇଁ, ସଞ୍ଜୁ ପ୍ରଧାନଙ୍କ ସମେତ ବହୁ ପାଚିକା ସହାୟିକା ଯୋଗ ଦେଇଥିଲେ।




ବିଇଓ ଅଫିସ ସମ୍ମୁଖରେ ପାଚିକା ସହାୟିକାଙ୍କ ଆନ୍ଦୋଳନ।

## ବିଶ୍ୱ ମହିଳା ଏମ୍‌ପି ସମ୍ମିଳନୀରେ ଯୋଗଦେଇ ଫେରିଲେ କନ୍ଧମାଳ ଏମ୍‌ପି

ବାଲିଗୁଡା,୨୨।୧୦(ଡି.ଏନ୍.ଏ.)

ବିଶ୍ୱ ମହିଳା ଏମ୍‌ପି ସମ୍ମିଳନୀରେ ଯୋଗ ଦେଇ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ । ଚଳିତ ମାସ ୧୫ରୁ୧୮ ତାରିଖ ପର୍ଯ୍ୟନ୍ତ ସୁଇଜରଲାଣ୍ଡ ରାଜଧାନୀ ଜେନେଭାଠାରେ ଆୟୋଜିତ ଏହି ଆନ୍ତର୍ଜାତୀୟ ସମ୍ମିଳନୀରେ ବିଶ୍ୱରେ ନାରୀମାନଙ୍କର ସ୍ଥିତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏମ୍‌ପି ସିଂ ଏଥିରେ ନିଜର ବକ୍ତବ୍ୟ ରଖିଥିଲେ। ବିଶ୍ୱ ତଥା ଭାରତରେ ମହିଳା ନିର୍ଯାତନା, ଶିଶୁ ଶ୍ରମିକ ପ୍ରଥା ଏବଂ ମହିଳାଙ୍କୁ ସାମାଜିକ ସମ୍ମାନର ଆବଶ୍ୟକତା ଉପରେ ସେ କହିଥିଲେ। ବିଶେଷ କରି ଓଡିଶା ଭଳି ପଛୁଆ ରାଜ୍ୟମାନଙ୍କରେ ମହିଳାଙ୍କର ସାମାଜିକ ସମସ୍ୟା ସମ୍ପର୍କରେ ତାଙ୍କ ବକ୍ତବ୍ୟ ବେଶ୍ ସାରଗର୍ଭକ ଥିଲା। ଜାତିସଂଘ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ବିଶ୍ୱର ୧୭୦ଟି ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇଥିଲେ। ଭାରତର ୧୦ଜଣ ଏମ୍‌ପି ଅଂଶ ଗ୍ରହଣ କରିଥିବା ବେଳେ ଓଡିଶାର ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଏକମାତ୍ର ପ୍ରତିନିଧି ହିସାବରେ ଯୋଗ ଦେବାକୁ ସଂସଦ ଦ୍ୱାରା ମନୋନିତ ହୋଇଥିଲେ। ଲୋକସଭା ବାଚସ୍ପତି ସୁମିତ୍ରା ମହାଜନଙ୍କ ନେତୃତ୍ୱରେ ଭାରତୀୟ ଏମ୍‌ପି ମାନେ ଜେନେଭା ଗସ୍ତ କରିଥିଲେ।

# ଓୟୁଏଟି କୁଳପତିଙ୍କ ନେତୃତ୍ୱରେ ୯ ଜଣିଆ ବୈଜ୍ଞାନିକ ଦଳର ତିତ୍‌ଲି କ୍ଷତିଗ୍ରସ୍ତ ଚାଷଜମି ପରିଦର୍ଶନ

ସୋରଡା,୨୨।୧୦(ଡି.ଏନ୍.ଏ.)

ରାଜ୍ୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର କୁଳପତି ଡ. ସୁରେନ୍ଦ୍ର ନାଥ ପଶୁପାଳକଙ୍କ ନେତୃତ୍ୱରେ ଏକ ୯ଜଣିଆ ବୈଜ୍ଞାନିକ ଦଳ ସୋରଡା ବ୍ଲକ ଗସ୍ତ କରିଛନ୍ତି। ବ୍ଲକର ପନିପରିବା ଚାଷୀ ସଂଘର ସଭ୍ୟମାନଙ୍କ ସହ ତିତ୍‌ଲି କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିବା ସହ ଚାଷଜମି ପରିଦର୍ଶନ କରିଥିଲେ। ଭୁବନେଶ୍ୱର ଏବଂ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର କୃଷି ବିଜ୍ଞାନୀମାନଙ୍କ ସହ ଚାଷୀମାନେ ଆଲୋଚନା କରିଥିଲେ। ପ୍ରଥମେ ବଡଗଡ, ପଦ୍ମପୁର ଓ ପରେ ବାଗିଡି, ମୂଳିଆପଲି, ହାତୀଗଡା, ଗୋଞ୍ଜା, କୈଳାସପୁର, ବାଖରା ଆଦି ଚାଷଜମି ବୁଲି ଦେଖିଥିଲେ। ବାତ୍ୟାଜନିତ କ୍ଷୟକ୍ଷତି ଓ ପରବର୍ତ୍ତୀ ଫସଲ ଖସଡା ଉପରେ ଆକଳନ କରିଥିଲେ। ବାତ୍ୟାରେ ଉଠାଜଳସେଚନ, ବିଦ୍ୟୁତ୍ ସରବରାହ, ବାଲି ମାଡିଯାଇଥିବା ଅଞ୍ଚଳର ସମସ୍ୟା ଦେଖିଥିଲେ। ଅପରାହ୍ନରେ ମୂଳିଆପଲିରେ ଚାଷୀ ସଚେତନତା ଶିବିରରେ କୃଷି ବୈଜ୍ଞାନିକମାନେ ବାତ୍ୟା ପରବର୍ତ୍ତୀ ଫସଲ ଖସଡା ତଥା ପୁନରୁଦ୍ଧାର ପ୍ରକ୍ରିୟା ଉପରେ ସଚେତନ କରିଥିଲେ। ଏହି ଦଳରେ କୁଳପତି ପଶୁପାଳକ, ଓୟୁଏଟି ଶିକ୍ଷା ନିର୍ଦ୍ଦେଶାଳୟ ଅଧକ୍ଷ ପ୍ରଫେସର ପ୍ରଭାତ କୁମାର ରାଉଳ, ଡ. ଗୌରୀଶଙ୍କର ସାହୁ, ପ୍ରଫେସର ଡ. ପ୍ରଦ୍ୟୁମ୍ନ ତ୍ରିପାଠୀ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ କେ. ସୁଦର୍ଶନ ପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ସ୍ୱାଗତିକା ସାହୁ, ପ୍ରଶାନ୍ତ ପଣ୍ଡା, ବିଷ୍ଣୁପଦ ଗିରି, ସନ୍ତୋଷ କୁମାର ସାମନ୍ତରାୟ ପ୍ରମୁଖ କୃଷି ବୈଜ୍ଞାନିକ ସାମିଲ ଥିଲେ। ଅପରାହ୍ନରେ ଏହି ଦଳ ଫେରିଥିଲେ।



୯ ଜଣିଆ ବୈଜ୍ଞାନିକ ଦଳ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରୁଛନ୍ତି।




## ବେଆଇନ ରାଶନକାର୍ଡ ବଣ୍ଟନ ନେଇ ଜିଲାପାଳଙ୍କୁ ଫେରାଦ ହେଲା ଭାଜପା

କନିଷି,୨୨।୧୦(ଡି.ଏନ.ଏ.)

ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକର ୩୨ଟି ଗ୍ରାମପଞ୍ଚାୟତରେ ବେଆଇନ ଭାବେ ରାଶନକାର୍ଡ ବଣ୍ଟନ କରାଯାଉଥିବା ଭାଜପା ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି। ଶାସକ ଦଳର କର୍ମୀମାନେ ଏହି କାର୍ଡ ବଣ୍ଟନ କରୁଛନ୍ତି ବୋଲି ଗଞ୍ଜାମ ଜିଲାପାଳଙ୍କୁ ଫେରାଦ ହୋଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଏନ୍. ଡମ୍ବରୁ ରେଡ୍ଡୀ, ୫୩ନଂ ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, କୋଠାରସିଂ ସରପଞ୍ଚ ଏନ୍.ସୁଜାତା ରେଡ୍ଡୀଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଦଳର ଅଭିଯୋଗ ହେଉଛି ବ୍ଲକର ୭ ହଜାର ୩୧୧ ଲୋକଙ୍କୁ ୨ ହଜାର ୫୩୩ କାର୍ଡ ବଣ୍ଟନ କରାଯାଇଥିଲା। ଏଥିମଧ୍ୟରୁ କୋଠାରସିଂ ପଞ୍ଚାୟତର ହିତାଧିକାରୀ ୧୦୧ଟି ନୂତନ କାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସହଯୋଗିତା-୨୦୧୮ କାର୍ଯ୍ୟକ୍ରମରେ ୪୧ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ବାକି ହିତାଧିକାରୀଙ୍କୁ ବଣ୍ଟନ ପାଇଁ ଶାସକ ଦଳର କର୍ମୀଙ୍କୁ ନିୟୋଜିତ କରାଯାଇଥିବା ବେଳେ କେତେକ ଅସାଧୁ ରାଜନେତା ପ୍ରତ୍ୟେକ ଗାଁ ଗାଁରେ ପାନ ଦୋକାନରେ ବସି କାର୍ଡ ବଣ୍ଟନ କରୁଥିବା ଅଭିଯୋଗ ହେଉଛି।

ଏନେଇ ରଙ୍ଗେଇଲୁଣ୍ଡା ବ୍ଲକ ଯୋଗାଣ ବିଭାଗ ଅଧିକାରୀ ପଦ୍ମେଶ ଶତପଥୀଙ୍କ ସହ ଯୋଗାଯୋଗ କରିବାରେ ସେ କହିଥିଲେ, ମୁଁ ବର୍ତ୍ତମାନ ଅଭିଯୋଗ ପାଇଛି। ତୁରନ୍ତ କାର୍ଯ୍ୟନୁଷ୍ଠାନ ନିଆଯିବ। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଭାଜପା ନେତାମାନେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୨, ମଧୁପାଟଣା, ଲିଙ୍କ୍ ରୋଡ୍, କଟକ-୭୫୩୦୧୪

ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଏତଦ୍‌ଦ୍ୱାରା ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ତାଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଅବଗତ କରାଗଲା।

| ବଡ଼ମ୍ବା ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତା: ମଥୁରା ସାହୁ, ପିତା: କୃଷ୍ଣ ସାହୁ, ସା: ସୁନାପାଳ, ପୋ: ବଡ଼ମ୍ବା, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୧୧୪୫୨୨୫୬୦୦୪ | ମଥୁରା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସୁନାପାଳ, ଖାତା ନଂ.: ୪୬୬/୨୨୫, ପ୍ଲଟ୍ ନଂ.: ୮୩୮, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୩୦.୦୪.୨୦୧୬ | ୧୮.୦୯.୨୦୧୮ ସୁଦ୍ଧା ଟ.୧,୯୯,୧୨୧/- |
| ଋଣଗ୍ରହୀତା: ବସନ୍ତ କୁମାର ମିଶ୍ର, ପିତା: କୁଳମଣୀ ମିଶ୍ର, ସା: କେନ୍ଦୁପଲ୍ଲି, ପୋ: ନୁଆପଡା, ନରସିଂହପୁର, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୧୧୪୫୨୨୫୬୧୪୦ | ବସନ୍ତ କୁମାର ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଠେଙ୍ଗାପଲ୍ଲି, ଖାତା ନଂ.: ୮୭/୫୪, ପ୍ଲଟ୍ ନଂ.: ୩୧୭, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୨୯.୧୨.୨୦୧୪ | ୧୮.୦୯.୨୦୧୮ ସୁଦ୍ଧା ଟ.୩,୫୮,୩୯୦/- |
| ଋଣଗ୍ରହୀତା: ଜଗବନ୍ଧୁ ରାଉତ, ପିତା: ଆନନ୍ଦ ରାଉତ, ସା/ପୋ: ବାଙ୍ଗରସିଂହା, ବଡ଼ମ୍ବା, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୧୧୪୫୨୨୫୬୨୩୧ | ଜଗବନ୍ଧୁ ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ବାଙ୍ଗରସିଂହା, ଖାତା ନଂ.: ୮୮୨/୧୫୮, ପ୍ଲଟ୍ ନଂ.: ୨୮୬୬/୭୬୨୨, କ୍ଷେତ୍ର: ଏକର୦.୦୨୦ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୧୦.୧୧.୨୦୧୫ | ୧୮.୦୯.୨୦୧୮ ସୁଦ୍ଧା ଟ.୨,୩୫,୫୨୬/- |
| ଋଣଗ୍ରହୀତା: ନିବାସ ବେହେରା, ପିତା: ଅନ୍ତର୍ଯ୍ୟାମୀ ବେହେରା, ସା: ବାଙ୍ଗରସିଂହା, ବଡ଼ମ୍ବା, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୦୩୫୨୧୭୮୦୭୦ | ନିବାସ ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ବାଙ୍ଗରସିଂହା, ଖାତା ନଂ.: ୧୪୬, ପ୍ଲଟ୍ ନଂ.: ୬୧୦୩, କ୍ଷେତ୍ର: ଏକର୦.୦୨ଡିସିମିଲି, କିସମ: ଘରବାରି | ୨୫.୦୯.୨୦୧୮ | ୧୦.୧୧.୨୦୧୫ | ୧୮.୦୯.୨୦୧୮ ସୁଦ୍ଧା ଟ.୫,୦୮,୨୭୧/- |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତାମାନଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର ୬୦ ଦିନ ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୨୨.୧୦.୨୦୧୮
ସ୍ଥାନ : କଟକ

କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### କୋଠରଶିଙ୍ଗି ଗଣ୍ଡଗୋଳ ଘଟଣା
## ଉଭୟ ପକ୍ଷରୁ ଥାନାରେ ଏତଲା

**ବ୍ରହ୍ମପୁର ଅଫିସ୍,୨୨।୧୦:** ଗୋଳନ୍ଥରା ଥାନା ଅନ୍ତର୍ଗତ କୋଠରଶିଙ୍ଗି ଗ୍ରାମରେ ୧୯ ତାରିଖ ରାତିରେ ହୋଇଥିବା ଗଣ୍ଡଗୋଳ ଓ ମାରପିଟ ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି । ଆକ୍ରମଣ, ପ୍ରତିଆକ୍ରମଣରେ ଆହତ ୩ ଜଣ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଗୋଟିଏ ପକ୍ଷର ପାତିରି ପୁରୁଷୋତ୍ତମ ଏବଂ ଅନ୍ୟ ପକ୍ଷର ସିଲୁ ଗୌଡ ଏବଂ ରାଜେଶ କୁମାର ସାହୁ । ପୋଲିସ ସୂଚନା ଅନୁଯାୟୀ, ୧୯ ତାରିଖ ରାତି ପ୍ରାୟ ୧୧ଟାରେ କୋଠରଶିଙ୍ଗି ବାଲାଜୀ ମଠରେ ପୁରୁଷୋତ୍ତମ ବସିଥିବା ବେଳେ ସିଲୁ ଏବଂ ରାଜେଶ ଆସି ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁରୁଷୋତ୍ତମଙ୍କ ଅଭିଯୋଗ ପ୍ରକାରେ ନଂ.୧୯୨/୧୮ରେ ମାମଲା ରୁଜୁ ହୋଇଛି । ସେହିପରି ସିଲୁ ଏବଂ ରାଜେଶ ରାସ୍ତାରେ ଯାଉଥିବା ବେଳେ ପୁରୁଷୋତ୍ତମ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ ବୋଲି ସିଲୁ ଥାନାରେ ଏତଲା ଦେଇଥିଲେ। ଏ ନେଇ ନଂ.୧୯୩/୧୮ରେ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଛି, ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଆଲୋକ ଜେନା କହିଛନ୍ତି। ଅନ୍ୟପକ୍ଷରେ ପୁରୁଷୋତ୍ତମଙ୍କୁ ମରଣାନ୍ତକ ଆକ୍ରମଣ ହେବା ପରେ ପୋଲିସ ନ୍ୟାୟ ଦେବା ବଦଳରେ ବିପକ୍ଷଙ୍କୁ ଡାକି ମିଥ୍ୟା ଏତଲାକୁ ନେଇ ମାମଲା ରୁଜୁ କରିଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି । ରାଜନୈତିକ ଉଦ୍ଦେଶ୍ୟ ରଖି ପୁରୁଷୋତ୍ତମଙ୍କୁ ଫସାଯାଉଛି ବୋଲି ପୂର୍ବତନ ଜିଲା ପରିଷଦ ସଦସ୍ୟ ଏନ.ଡମ୍ଭୁରୁ ରେଡ୍ଡୀ ଏବଂ ସରପଞ୍ଚ ଏନ.ସୁଜତା ରେଡ୍ଡୀ ଅଭିଯୋଗ କରିଛନ୍ତି । ଘଟଣାର ନିରପେକ୍ଷ ତଦନ୍ତ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଜୁଆ ଆଡ୍ଡାରୁ ୧୯ ଗିରଫ, ୯୭,୩୨୦ ଟଙ୍କା ଜବତ

**ବ୍ରହ୍ମପୁର ଅଫିସ୍,୨୨।୧୦:** ବ୍ରହ୍ମପୁର ବଡ଼ ବଜାର ଥାନା ପୋଲିସ ରବିବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଜୁଆ ଆଡ୍ଡାରେ ଚଢାଉ କରି ୧୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ତାସ ମୁଠା ଏବଂ ୯୭,୩୨୦ ଟଙ୍କା ଜବତ କରାଯାଇଛି । ଏ ନେଇ ନଂ. ୧୭୨/୧୮ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁରେଶ କୁମାର ତ୍ରିପାଠୀ କହିଛନ୍ତି। ରବିବାର ରାତିରେ ଗଣପତି ନଗର ତୃତୀୟ ଲେନ୍‌ର ଏକ ଘରେ ଜୁଆ ଖେଳ ଚାଲିଥିବା ଖବରପାଇ ପୋଲିସ ଚଢାଉ କରିଥିଲା ।

## ଓଏସଇବି ଟେକ୍ନିକାଲ କର୍ମଚାରୀ ୟୁନିୟନ ବୈଠକ

**ବ୍ରହ୍ମପୁର ଅଫିସ,୨୨।୧୦:** ଓଏସଇବି ଟେକ୍ନିକାଲ ଏମ୍ପ୍ଲୟିଜ ୟୁନିୟନର ଜରୁରୀ ସାଧାରଣ ବୈଠକ ବ୍ରହ୍ମପୁର ନିକଟ ଗଣିଆନାଳରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଏନଏନ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକ ଅବସରରେ ଇଏଚଟି ଏବଂ ଓପିଟିସିଏଲ ବ୍ରହ୍ମପୁର ମଣ୍ଡଳରେ କାର୍ଯ୍ୟରତ ଅସ୍ଥାୟୀ ଠିକା କର୍ମଚାରୀମାନେ ଓଏସଇବି ସଂଘରେ ସାମିଲ ହୋଇଥିଲେ। ଠିକା କର୍ମଚାରୀଙ୍କୁ ଉଚିତ ପ୍ରାପ୍ୟ ଦିଆଯିବା, ସମାନ କାମକୁ ସମାନ ଦରମା, ପ୍ରତି ମାସର ନିୟମିତ ଦରମା ପ୍ରଦାନ, ବକେୟା ପ୍ରାପ୍ୟ ତୁରନ୍ତ ପୈଠ, ନିୟମିତ କର୍ମଚାରୀଙ୍କ ଭଳି ଡ୍ରେସ, ଜୋତା ଓ ବୋନସ ଦେବା ପାଇଁ ଓପିଟିସିଏଲ କର୍ତ୍ତୃପକ୍ଷଙ୍କୁ ଦାବି କରାଯିବାର ନିଷ୍ପତ୍ତି ନିଆଯାଇଛି। ଦାବି ହାସଲ ପାଇଁ ଓଏସଇବି ଟେକ୍ନିକାଲ କର୍ମଚାରୀ ସଂଘ ଆନ୍ଦୋଳନ କରିବ ବୋଲି ସଭାପତି ଦାସ ଘୋଷଣା କରିଥିଲେ। ସାଧାରଣ ସମ୍ପାଦକ ବିବି ମହାନ୍ତି ଓ ବରିଷ୍ଠ ସଭ୍ୟ ଯୁଗଳ କିଶୋର ପରିଡ଼ା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**କୋଦଳା,୨୨।୧୦:** କୋଦଳା ଥାନା କେ. ରାଣୀପଡ଼ା ଗ୍ରାମର ଜଣେ ମହିଳା ରବିବାର ରାତିରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବିଷ୍ଣୁ ନାହାକ। ପୋଲସରା ଥାନା ମାଳ ତେନ୍ତୁଲିଆ ଗ୍ରାମର ବିଜୟ ପ୍ରଧାନଙ୍କ ଝିଅ ବିଷ୍ଣୁ ୩ ବର୍ଷ ତଳେ କେ. ରାଣୀପଡ଼ା ଗ୍ରାମର ବୁଲୁ ନାହାକଙ୍କୁ ବିବାହ କରିଥିଲେ। ତାଙ୍କର ୩ ବର୍ଷୀୟା ଏକ ଶିଶୁକନ୍ୟା ଅଛି। କୌଣସି କଥାକୁ ନେଇ ଘରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ରବିବାର ସ୍ୱାମୀଙ୍କ ଅନୁପସ୍ଥିତିରେ ବିଷ୍ଣୁ ବିଷ ପିଇଦେଇଥିଲେ। ତାଙ୍କୁ କୋଦଳା ଡାକ୍ତରଖାନାକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ନଂ.୧୨/୧୮ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସ୍ୱାସ୍ଥ୍ୟ ବିଭାଗକୁ ବନ୍ୟା ପ୍ରଭାବିତଙ୍କ ଚିକିତ୍ସା ଚିନ୍ତା
# ତ୍ୱରିତ ପଦକ୍ଷେପରୁ ଟଳିଗଲା ମହାମାରୀ

ବ୍ରହ୍ମପୁର ଅଫିସ,୨୨।୧୦

ବାତ୍ୟା ତିତ୍‌ଲି ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲା ପ୍ରଭାବିତ ହୋଇଥିଲା। ଅଧିକାଂଶ ବ୍ଲକର ବିଭିନ୍ନ ଗ୍ରାମ ଜଳମଗ୍ନ ହୋଇଥିଲା। ଏପରିକି ଘରେ ମଧ ପାଣି ପଶି ଯାଇଥିଲା। ଲୋକେ ପିଇବା ପାଣି ପାଇଲେନି। ଖାଦ୍ୟ ମିଳିଲାନି। ଅଞ୍ଚଳ ବନ୍ୟା ଜଳମଗ୍ନ ହୋଇଯାଇଥିବାରୁ ମହାମାରୀ ବ୍ୟାପିବା ଆଶଙ୍କା ଥିଲା। କିନ୍ତୁ ସ୍ୱାସ୍ଥ୍ୟ ବିଭାଗର ତ୍ୱରିତ ପଦକ୍ଷେପ ଯୋଗୁ ଜିଲାରେ ମହାମାରୀ ଆଶଙ୍କା ଟଳିଯାଇଛି। ବିଭାଗୀୟ ଅଧିକାରୀମାନେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ଜୀବାଣୁନାଶ ପାଇଁ ପଦକ୍ଷେପ ନେଉଛନ୍ତି। ଅନ୍ୟପକ୍ଷରେ ବାତ୍ୟା ଓ ବନ୍ୟାରେ ଜିଲାରେ ସ୍ୱାସ୍ଥ୍ୟ ବିଭାଗର ପ୍ରାୟ ୮କୋଟି ଟଙ୍କା କ୍ଷତି ହୋଇଥିବା ଆକଳନ କରାଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବନ୍ୟା ମୁକାବିଲା ପାଇଁ ବିଭାଗ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା। ଜିଲାର ୧୩ଟି ବ୍ଲକ ଯଥା ପାତ୍ରପୁର, ଧରାକୋଟ, ବଡ଼ଗଡ଼, ଶେରଗଡ଼, ଚିକିଟି, ବେଲଗୁଣ୍ଠା, ଭଞ୍ଜନଗର, ସୋରଡ଼ା, ଆସିକା, ପୁରୁଷୋତ୍ତମପୁର, ଛତ୍ରପୁର, ହିଞ୍ଜିଳି ଏବଂ କବିସୂର୍ଯ୍ୟନଗର ବ୍ଲକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଜିଲାର ବିଭିନ୍ନ ବ୍ଲକରେ ଥିବା ୪୨ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ସେବା ଯୋଗାଉଛନ୍ତି। ଏଥିସହ ନୟାଗଡ଼ରୁ ୫ ଏବଂ ଖୋର୍ଦ୍ଧା ଜିଲାରୁ ୫ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ସେହିପରି ୧୪୫ଟି ମେଡ଼ିକାଲ୍ ରିଲିଫ୍ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରଗୁଡ଼ିକରେ ବର୍ତ୍ତମାନ ସୁଦ୍ଧା ୧୯ ହଜାର ୮୦୮ ଜଣଙ୍କ ଚିକିତ୍ସା କରାଯାଇଛି। ୪୦ ଡାକ୍ତର ଚିକିତ୍ସା କରୁଛନ୍ତି। ଏସବୁ ସତ୍ତ୍ୱେ ୨୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା କରି ଔଷଧ ଦିଆଯାଇଛି। ବନ୍ୟା ଅଞ୍ଚଳରେ ଥିବା ଜଳଉତ୍ସଗୁଡ଼ିକରୁ ପାଣି ପିଇବା ଦ୍ୱାରା ଲୋକେ ବିଭିନ୍ନ ରୋଗରେ ପଡ଼ିବା ସମ୍ଭାବନା ଥିଲା। ସେଥିପାଇଁ କୂଅ, ପୋଖରୀ ଓ ଅନ୍ୟ ଜଳ ଉତ୍ସଗୁଡ଼ିକୁ ବିଭିନ୍ନ ଔଷଧ ପକାଇ ଜୀବାଣୁମୁକ୍ତ କରାଯାଇଥିଲା। ଏଭଳି ୭୨ହଜାର ୧୨୭ଟି ଜଳଉତ୍ସକୁ ଜୀବାଣୁମୁକ୍ତ କରାଯାଇଛି। ୧,୦୪୬ଟି ଗ୍ରାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଲୋକଙ୍କୁ ସଚେତନ କରାଯାଉଛି।

ଅନ୍ୟପଟେ ବନ୍ୟା ଓ ବାତ୍ୟା ଯୋଗୁ ସ୍ୱାସ୍ଥ୍ୟ ବିଭାଗର ପ୍ରାୟ ୮କୋଟି ଟଙ୍କା କ୍ଷତି ହୋଇଛି। ସ୍ୱାସ୍ଥ୍ୟ କେନ୍ଦ୍ରର କୋଠା ଏବଂ ପାଚେରି ଆଦି ନଷ୍ଟ ହେବା ଯୋଗୁ ୬କୋଟି ୩୦ଲକ୍ଷ ଟଙ୍କା କ୍ଷତି ହୋଇଥିବା ବେଳେ ୧ କୋଟି ୪୭ଲକ୍ଷ ଟଙ୍କାର ଯନ୍ତ୍ରପାତି ନଷ୍ଟ ହୋଇଛି। ସେହିପରି ଅନ୍ୟାନ୍ୟ କ୍ଷତି ମଧ୍ୟ ହୋଇଛି। ଆସିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଭଞ୍ଜନଗର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ବ୍ରହ୍ମପୁର ସିଟି ହସ୍ପିଟାଲ୍‌ର ଅଲ୍‌ଟ୍ରାସାଉଣ୍ଡ ମେଶିନ୍ ଖରାପ ହୋଇଯାଇଛି। ଆସିକାର ଡିଜିଟାଲ୍ ଏକ୍ସ-ରେ ଖରାପ ହୋଇଯାଇଥିବା ବେଳେ ୧୩ଟି ଇସିଜି ମେଶିନ୍, ୨ଟି ଅଟୋ ଅନାଲାଇଜର୍, ୧୩ଟି ମାଇକ୍ରୋସ୍କୋପ୍, ୧୩ଟି ଡିଫ୍ରିଜର ସହ ବିଭିନ୍ନ ପ୍ରକାର ଉପକରଣ ଖରାପ ହୋଇଛି।

ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ) ଡା. ହିମାଂଶୁବାଳା ପଟ୍ଟନାୟକ କହିଛନ୍ତି ଯେ, ବାତ୍ୟା ଓ ବନ୍ୟା ପରେ ମହାମାରୀରୁ ଲୋକଙ୍କୁ ରକ୍ଷା କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ବନ୍ୟା ପ୍ରଭାବିତ ଅଞ୍ଚଳରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଉଛି। କ୍ଷୟକ୍ଷତି ସମ୍ପର୍କରେ ବିଭାଗକୁ ରିପୋର୍ଟ ଦିଆଯାଇଛି।

**ଗଞ୍ଜାମ ଜିଲା**



ଏକ କୂଅକୁ ଜୀବାଣୁମୁକ୍ତ କରିବା ପାଇଁ ଔଷଧ ସିଞ୍ଚନ କରାଯାଉଛି।

- ସ୍ୱାସ୍ଥ୍ୟ ବିଭାଗର ୮କୋଟି କ୍ଷତି
- ୭୨,୧୨୭ ଜଳଉତ୍ସ ହେଲା ଜୀବାଣୁ ମୁକ୍ତ
- ୧୦୪୬ ଗ୍ରାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

### ତିତଲିରେ ମହେନ୍ଦ୍ରଗିରି ଶିଖର କ୍ଷତିଗ୍ରସ୍ତ
# ପୁନରୁଦ୍ଧାର ଦାବି ନେଇ ମିଶନ ଟ୍ରଷ୍ଟର ବିକ୍ଷୋଭ



ଆରଡିସି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର ଅଫିସ,୨୨।୧୦

ମହେନ୍ଦ୍ରଗିରି ମିଶନ ଟ୍ରଷ୍ଟ ପକ୍ଷରୁ ସୋମବାର ବ୍ରହ୍ମପୁରସ୍ଥ ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଇତିମଧ୍ୟରେ ଘଟିଥିବା ତିତଲି ବାତ୍ୟାରେ ସମ୍ପୂର୍ଣ୍ଣ ଧୂଳିସାତ ହୋଇଯାଇଥିବା ମହେନ୍ଦ୍ରଗିରି ଆଶ୍ରମ ଓ ପୁରାଣ ପ୍ରସିଦ୍ଧ ପର୍ଶୁରାମ କୁଣ୍ଡର ପୁନରୁଦ୍ଧାର ଦାବି ନେଇ ଏହି ଆନ୍ଦୋଳନ ହୋଇଥିଲା। ମହେନ୍ଦ୍ରଗିରି ଶିଖରରେ ରହୁଥିବା ଲକ୍ଷ୍ମୀ ବାବା (ସ୍ୱାମୀ ଭାସ୍କରତୀର୍ଥ) ଏହାର ନେତୃତ୍ୱ ନେଇଥିଲେ। ଗଞ୍ଜାମ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି, ଉପସଭାପତି ପ୍ରଭାତ ଷଡ଼ଙ୍ଗୀ ଓ ସୁନୀଲ କୁମାର ସାହୁ, ଯୁବ ସାମାଜିକ କର୍ମୀ ରାମ କୁମାର ପାତ୍ର, ପ୍ରମୋଦ ସାହୁ, ଧର୍ମରାଜ ରେଡ଼ି, ସୂର୍ଯ୍ୟ ନାରାୟଣ ଦାସ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରାଜସ୍ୱ କମିଶନରଙ୍କୁ ପ୍ରଦାନ କରାଯାଇଥିଲା।

ବିକ୍ଷୋଭସ୍ଥଳରେ ଲକ୍ଷ୍ମୀବାବା କହିଥିଲେ ଗଜପତି ଜିଲାର ମହେନ୍ଦ୍ରଗିରି ପର୍ବତରେ ମହେନ୍ଦ୍ର ଆଶ୍ରମ, ଯଜ୍ଞଶାଳା, ଅତିଥିଭବନ, ବିଶ୍ରାମ ମଣ୍ଡପ, ଗନ୍ତାଘର ଆଦି ତିତଲି ବାତ୍ୟାରେ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ପାହାଡ଼ ପାଦ ଦେଶରେ ଥିବା ପୁରାଣ ବର୍ଣ୍ଣିତ ପର୍ଶୁରାମ କୁଣ୍ଡ ଓ ପୁରିଆ ସାହି କ୍ଷୁଦ୍ର ଜଳସେଚନ ଡ୍ୟାମ ମାଟିରେ ମିଶିଯାଇଛି। ମହେନ୍ଦ୍ରଗିରି ପର୍ବତମାଳାର ମହତ୍ତ୍ୱ ପୌରାଣିକ ଗ୍ରନ୍ଥରେ ଲିପିବଦ୍ଧ ହୋଇଛି। ଏହା ଏକ ଧାର୍ମିକ ସ୍ଥଳ ଭାବେ ପରିଗଣିତ ହେଉଛି। ମହେନ୍ଦ୍ରଗିରି ଶିଖରରେ ପଞ୍ଚୁ ପାଣ୍ଡବଙ୍କ ମନ୍ଦିର, କୁନ୍ତି ମନ୍ଦିର, ଦାରୁବ୍ରହ୍ମ ପୀଠ ଆଦି ତିତଲି ବାତ୍ୟା ଓ ପ୍ରବଳ ବର୍ଷାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଦୀର୍ଘ ୩୫ ବର୍ଷର ମହେନ୍ଦ୍ର ଆଶ୍ରମ ଧୂଳିସାତ ହୋଇଯାଇଥିବାରୁ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ସମସ୍ୟା ବଢ଼ିଯାଇଛି। ତେଣୁ ପୁନରୁଦ୍ଧାର ଏବଂ ଧୋଇ ହୋଇଯାଇଥିବା ରାସ୍ତା ନିର୍ମାଣ ପାଇଁ ସ୍ମାରକପତ୍ରରେ ରାଜ୍ୟପାଳଙ୍କୁ ନିବେଦନ କରାଯାଇଛି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ବ୍ରହ୍ମପୁର ଅଫିସ,୨୨।୧୦

ବିଜେଡିର ଜନସମ୍ପର୍କ ପଦଯାତ୍ରା ୭ ନଂ ୱାର୍ଡରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କର୍ପୋରେଟର ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଯୁବନେତା ବିକ୍ରମ ପଣ୍ଡା, ରାଜ୍ୟ ସମ୍ପାଦକ ଟି. ଗୋପୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ମହିଳା ସଭାନେତ୍ରୀ ସଙ୍ଘମିତ୍ରା ଦଳାଇ, ସମ୍ପାଦିକା ଲକ୍ଷ୍ମୀପାତ୍ରୀ, ନଗର ସଭାନେତ୍ରୀ ମଞ୍ଜୁଳା ଦେବୀ, ମୁକୁନ୍ଦ ଗୌଡ, ସଞ୍ଜୟ ଜେନା, ଏନ. ଆପାରାଓ, ଧବଳ ବେହେରା, ରାଜେଶ୍ୱର ବେହେରା, ତ୍ରିପତି ପାତ୍ର, ନିରଞ୍ଜନ ଜେନା, ପ୍ରିୟଙ୍କା ପଟ୍ଟନାୟକ, କାହ୍ନୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନେତାମାନେ ପଦଯାତ୍ରା ମଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅଞ୍ଚଳବସୀଙ୍କୁ ଅବଗତ କରାଇଥିଲେ। ପରେ ନଗର ସଭାପତି ବିଜୟ ସାମଲଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

## ବିପନ୍ନ ଆଦିବାସୀଙ୍କୁ ମିଳିନି ସରକାରୀ ରିଲିଫ

ବ୍ରହ୍ମପୁର ଅଫିସ,୨୨।୧୦

ସାମୁଦ୍ରିକ ବାତ୍ୟା ତିତ୍‌ଲି ଓ ପରବର୍ତ୍ତୀ ବର୍ଷା ଏବଂ ବନ୍ୟାରେ ପାତ୍ରପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏହି ପ୍ରାକୃତିକ ଦୁର୍ବିପାକର ୧୧ ଦିନ ପରେ ବି ବିପନ୍ନ ଆଦିବାସୀମାନେ ସରକାରୀ ରିଲିଫ ପାଇବାରୁ ବଞ୍ଚିତ ହୋଇଥିବା ଗଞ୍ଜାମ ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ତୁମ୍ବା, ଆଙ୍କୁଲି ଓ ବୁରାତାଲ ପଞ୍ଚାୟତରେ ସର୍ବାଧିକ କ୍ଷତି ହୋଇଥିଲେ ମଧ ସେଠାକୁ ସରକାରୀ ବାବୁମାନଙ୍କ ପାଦ ପଡ଼ି ନ ଥିବା ଏବଂ ପ୍ରଭାବିତ ପରିବାରଗୁଡ଼ିକ ସର୍ବନିମ୍ନ ମୌଳିକ ସୁବିଧା ପାଇ ନ ଥିବା ଦର୍ଶାଇ ଉଦବେଗ ପ୍ରକାଶ କରାଯାଇଛି। କେବଳ ଆଦିବାସୀ ଇଲାକା ନୁହେଁ ସମଗ୍ର ପାତ୍ରପୁର ବ୍ଲକ ଦୁର୍ବିପାକର ଶିକାର ହୋଇଛି। ଗରିବ ଲୋକେ ବାସହରା ହୋଇ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ମହେନ୍ଦ୍ରଗିରି ପର୍ବତରେ ପ୍ରବଳ ବର୍ଷା ବିପ୍ୟାତରୁ ବନ୍ୟା ଜଳରେ ପୁରିଆ ସାହି କ୍ଷୁଦ୍ର ଜଳସେଚନ ଯୋଜନା ଧୋଇ ହେବା ସହ ଐତିହାସିକ ପର୍ଶୁରାମ କୁଣ୍ଡ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ପୁରିଆ ସାହି ପ୍ରକଳ୍ପ ଏବଂ ପର୍ଶୁରାମ କୁଣ୍ଡ ପୁନଃ ନିର୍ମାଣ କରାଯିବାକୁ ଦାବି ହୋଇଛି।

**ଜିଲା ଭାଜପାର ଅଭିଯୋଗ**

ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଓ ରାଜ୍ୟ ସମ୍ପାଦକ ବିଭୂତି ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପାତ୍ରପୁର ବ୍ଲକର ଦୁର୍ଗମ ଅଞ୍ଚଳ ଗସ୍ତ କରି ଘଟିଥିବା ଉଦବେଗଜନକ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିରେ ଜିଲା ଉପସଭାପତି ପ୍ରଭାତ ଷଡ଼ଙ୍ଗୀ, ଓବିସି ମୋର୍ଚ୍ଚା ଜିଲା ସଭାପତି ମଦନ ମୋହନ ପାତ୍ର, ଜରଡ଼ା ମଣ୍ଡଳ ପ୍ରଭାରୀ ରଘୁନାଥ ପ୍ରଧାନ ଓ ଅନ୍ୟମାନେ ସାମିଲ ହୋଇ ବିପନ୍ନଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ଫେରିବା ପରେ ବ୍ରହ୍ମପୁରରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ସଭାପତି ଓ ରାଜ୍ୟ ସମ୍ପାଦକ। ଉଭୟ ଆହୁରି କହିଥିଲେ ବଗି ନଦୀର ବନ୍ୟାରେ ପାର୍ଶ୍ୱ ଅଞ୍ଚଳର ଶହ ଶହ ଏକର ଜମି ଜଳମଗ୍ନ ସହ ବାଲିଚର ହୋଇଛି। ଖରିଫ ଧାନ ଓ ଅନ୍ୟ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଫଳରେ ଚାଷୀମାନେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କୁ ସରକାର ତୁରନ୍ତ କ୍ଷତିପୂରଣ ଦେବା ଏବଂ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଦାବି କରାଯାଇଛି। ତୁରନ୍ତ ପଦକ୍ଷେପ ନିଆନଗଲେ ଚାଷୀ ଓ କ୍ଷତିଗ୍ରସ୍ତ ଲୋକଙ୍କୁ ମେଳି କରି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି ଭାଜପା।

### ପ୍ରତିଶ୍ରୁତି ରଖିଲେନି ବିଏମ୍‌ସି କର୍ତ୍ତୃପକ୍ଷ
# ରାଜୀବ ଆବାସ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

ବ୍ରହ୍ମପୁର ଅଫିସ,୨୨।୧୦

ବ୍ରହ୍ମପୁର ମହାନଗର ନିଗମ (ବିଏମସି)ର ୩୮ ନଂ. ୱାର୍ଡ ଖୋଳାସାହି ଅଞ୍ଚଳରେ ରାଜୀବ ଆବାସ ଯୋଜନା(ଆରଏୱାଇ)ରେ ଗୃହ ନିର୍ମାଣ ପାଇଁ ୨୦୧୬ରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଉଚ୍ଛେଦ ହୋଇଥିବା ଲୋକଙ୍କୁ ରାଜୀବ ଆବାସ ପ୍ରଦାନ କରାଯିବ ବୋଲି ବିଏମସି ପକ୍ଷରୁ ସେ ସମୟରେ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏ ଯାଏ ଗୃହ ପ୍ରଦାନ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି ଉଚ୍ଛେଦ ହୋଇଥିବା ଲୋକେ। ଏ ନେଇ ପୂର୍ବରୁ ବିଏମସି କର୍ତ୍ତୃପକ୍ଷଙ୍କ ବହୁବାର ଗୁହାରି କରିବା ପରେ ବି ସୁଫଳ ନ ମିଳିବାରୁ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଛି।

୨୦୧୬ରେ ରାଜୀବ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ଖୋଳାସାହିରେ ବିଏମସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଫଳରେ ସେଠାରେ ୪୦ ବର୍ଷଧରି ରହି ଆସୁଥିବା ୮ ପରିବାର ବାସ ହରାଇଥିଲେ । ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ରାଜୀବ ଆବାସ ଦିଆଯିବ ବୋଲି ବିଏମସି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିକଟରେ ବିଭିନ୍ନ ଅଞ୍ଚଳରେ ଲଟେରି ମାଧ୍ୟମରେ ଲୋକଙ୍କୁ ରାଜୀବ ଆବାସ ଦିଆଯାଉଥିବା ବେଳେ ଉଚ୍ଛେଦ ହୋଇଥିବା ଲୋକଙ୍କୁ ଅଣଦେଖା କରାଯାଉଛି। ବର୍ତ୍ତମାନ ଖୋଳାସାହିରେ ଆରଏୱାଇ ଗୃହ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ହିତାଧିକାରୀ ତାଲିକାରେ ଉଚ୍ଛେଦ ହୋଇଥିବା ଲୋକଙ୍କ ନାମ ସାମିଲ କରାଯାଇ ନାହିଁ । କିନ୍ତୁ ଏହି ଅଞ୍ଚଳର ଆରଏୱାଇ ଗୃହ ପାଇଁ ବର୍ତ୍ତମାନ ସୁଦ୍ଧା ୩୫ ହିତାଧିକାରୀଙ୍କୁ ଆଲର୍ଟମେଣ୍ଟ ଅର୍ଡର ପ୍ରଦାନ କରାଯାଇ ସାରିଥିବା ଉଚ୍ଛେଦ ଲୋକେ କହିଛନ୍ତି। ପୂର୍ବରୁ ବିଏମସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଭେଟି ସେମାନେ ଏନେଇ ଅବଗତ କରିଥିବା ବେଳେ ସୋମବାର ଜିଲାପାଳଙ୍କୁ ଲିଖିତ ଭାବେ ଦାବି ଜଣାଇଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ କୈଳାସ ପାଳ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ପି. କାଶୀ ପାତ୍ର, ସମୀର କୁମାର ନାୟକ, ଏନ୍. ଲକ୍ଷ୍ମୀ ଆମା, ସନ୍ତୋଷ କୁମାର ପାଳ, ସୀମାଦ୍ରି ରେଡ୍ଡୀ, ଟି. ରଘୁନାଥ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଲୋକେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ତ୍ରିପତି



@ ମିଟୁ



@ କୈଳେଶ୍

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ଶାନ୍ତି ଉତ୍ସବ ପାଳନ ପ୍ରସ୍ତୁତି

ଦାରିଙ୍ଗବାଡ଼ି,୨୨।୧୦(ଡି.ଏନ.ଏ)- ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଆସନ୍ତା ନଭେମ୍ବର ୧୦ ଏବଂ ୧୧ ତାରିଖରେ ଶାନ୍ତି ଉତ୍ସବ ପାଳନ ସାରିଙ୍ଗିଇର୍ପି ଠାରେ କରାଯିବ। ଏନେଇ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ସୋମବାର ଏହି ଉତ୍ସବ ନିମନ୍ତେ ଘୋଷଣା କରାଯିବା ସହ ଚର୍ଚ୍ଚ ଅଫ୍ ନର୍ଥ ଇଣ୍ଡିଆ ପକ୍ଷରୁ ବିଧିବଦ୍ଧ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଛି। ଏଥିପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ଏହାକୁ ଫୁଲବାଣୀ ଧର୍ମାଞ୍ଚଳର ବିଶପ ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପରେ ସାମୁହିକ ପ୍ରାର୍ଥନା, ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଶପ ନାୟକ ଖ୍ରୀଷ୍ଟଙ୍କ ବାର୍ତ୍ତା ପ୍ରଦାନ କରିଥିଲେ। ଦାରିଙ୍ଗବାଡ଼ିର ସନମା ଠାରେ ଏକ ଖବରଦାତା ସମ୍ମିଳନୀରେ ବିଶପ ବିଜୟ କୁମାର ନାୟକ କହିଛନ୍ତି ଯେ ଏହି ଉତ୍ସବରେ ସାରା ଉତ୍ତର ଭାରତ ମଣ୍ଡଳୀର ୨୭ଟି ଧର୍ମାଞ୍ଚଳର ବିଶପଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବାଣୀ ପ୍ରକାଶ କରିବା ପାଇଁ ମୁଖ୍ୟ ବକ୍ତା ଭାବେ ଡ.ପଉଲ ଦିନାରନ୍ ଏବଂ ଏଭେଞ୍ଜେଲିଲା ପଉଲ ଦିନାକରନ୍ ଯୋଗଦେବେ। ସେହିପରି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଧର୍ମବାଣୀ ସମ୍ପର୍କରେ ଉତ୍ସବରେ ଆଲୋଚନା କରାଯିବ ବୋଲି କହିଛନ୍ତି। ଉତ୍ସବର ମୋଡେରେଟର ପି.ସି ସିଂଙ୍କ ସମେତ ଡେପୁଟି ମୋଡେରେଟର ପ୍ରୋବାଲ କାନ୍ତ ଦତ୍ତ, ସାଧାରଣ ସମ୍ପାଦକ ଅଲୱାନ ମସିସ୍, କୋଷାଧକ୍ଷ ଜୟନ୍ତ ଅଗ୍ରୱାଲ୍ ପ୍ରମୁଖ ଯୋଗଦେବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯୋଗଦାନ କରିବାକୁ ଚିଠି ମାଧ୍ୟମରେ ନିବେଦନ କରାଯାଇଛି ବୋଲି ବିଶପ ନାୟକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଧାୟକ ଜାକବ ପ୍ରଧାନ, ଫୁଲବାଣୀ ଧର୍ମାଞ୍ଚଳର ସମ୍ପାଦକ କ୍ଳେଶ ପ୍ରଧାନ, ଉପସଭାପତି ଅକ୍ଷୟ କୁମାର ଦିଗାଳ, କୋଷାଧକ୍ଷ ପ୍ରଭାତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଦିଗପହଣ୍ଡି,୨୨।୧୦(ଡି.ଏନ.ଏ.)-ଦିଗପହଣ୍ଡି ଥାନା ଅଧୀନ ମା' ମହୁରୀକାଲୁଆ ରାସ୍ତାରେ ଘଟିଥିବା ବାଇକ ଦୁର୍ଘଟଣାରେ ଲାଞ୍ଜିଆ ଗ୍ରାମର ଦିଲ୍ଲୀପ ଗୌଡ଼ ମୃତ୍ୟୁବରଣ କରିଛନ୍ତି। ସୋମବାର ଦିଗପହଣ୍ଡି ପୋଲିସ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ରବିବାର ଅପରାହ୍ନ ପ୍ରାୟ ୩ଟାରେ ଦୁର୍ଘଟଣା ଘଟିଥିଲା। ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ଦିଲ୍ଲୀପଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଦିଗପହଣ୍ଡି ଥାନା ନଂ. ୧୮୮/୧୮ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ବିରିପୁର: ବିଶୃଙ୍ଖଳାକାରୀଙ୍କ ଗିରଫ ଦାବି

# ଛତ୍ରପୁର-ତାରାତାରିଣୀ ରାସ୍ତା ଅବରୋଧ କଲେ ଲୋକେ

ଛତ୍ରପୁର/ ଗଞ୍ଜାମ, ୨୨।୧୦ (ଡି.ଏନ.ଏ)

ଗଞ୍ଜାମ ବ୍ଲକ କରପଡା ପଞ୍ଚାୟତ ବିରିପୁର ଗାଁରେ ଲୋକଙ୍କୁ ରବିବାର ବିଳମ୍ବିତ ରାତିରେ ଭୟଭୀତ କରିବା ସହ ମାରଣାସ୍ତ୍ର ଧରି କେତେଜଣ ବଟି ମାଗିଥିବା ଅଭିଯୋଗ ହୋଇଛି । ଗାଁରେ ଆତଙ୍କରାଜ କରିଥିବା ଯୁବକମାନଙ୍କ ବିରୋଧରେ ସୋମବାର ଗଞ୍ଜାମ ଥାନାରେ ଗାଁ ଲୋକେ ଅଭିଯୋଗ କରିଥିଲେ। ଗ୍ରାମବାସୀ ଏକତ୍ରିତ ହୋଇ ରାସ୍ତାରେ ଟାୟାର ଜାଳିବା ସହ ଗଛ ପକାଇ ଦୀର୍ଘ ସମୟ ଗାଁ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ୩ ଘଣ୍ଟା ଧରି ଛତ୍ରପୁରଠାରୁ ତାରାତାରିଣୀ ମୁଖ୍ୟ ରାସ୍ତାରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଏ ସମ୍ପର୍କରେ ଖବରପାଇ ଗଞ୍ଜାମ ଥାନା ଆଇଆଇସି ଅନିଲ କୁମାର ମହାନ୍ତି ଓ ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି



ରାସ୍ତା ଅବରୋଧ କରାଯାଇଛି ।

ଦେବାରୁ ରାସ୍ତା ଅବରୋଧ ହଟିଥିଲା । ସୂଚନାଯୋଗ୍ୟ, ବିରିପୁରର ଜଣେ ବ୍ୟକ୍ତି ମାରଣାସ୍ତ୍ର ଧରି ଅନ୍ୟ କେତେଜଣଙ୍କ ସହ ମିଶି ଗାଁରେ ଗାଳିଗୁଲଜ କରିବା ସହ ମାସିକ ୩୦ ହଜାର ଟଙ୍କା ବଟି ମାଗିଥିଲେ । ନଚେତ ଗାଁବାସୀଙ୍କୁ ସେମାନେ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଲୋକେ ଅଭିଯୋଗ କରିଛନ୍ତି। ଗାଁର କେତେକ ଲୋକ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିରୋଧ କରିବାରୁ ସେମାନେ ଆକ୍ରମଣର ଶୀକାର ହୋଇଥିଲେ । ଗାଁର ବିନୋଦ ମୁଦୁଲି, ସତ୍ୟବାଦୀ ମୁଦୁଲି, ଲକ୍ଷ୍ମୀଚରଣ ମୁଦୁଲିଙ୍କୁ ଆକ୍ରମଣ କରାଯାଇ ଥିଲା । ଆତଙ୍କ ସୃଷ୍ଟି କରୁଥିବା ତଥା ଚୋରା ମଦ କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଗିରଫ କରିବାକୁ ଗାଁବାସୀ ଦାବି କରିଥିଲେ ।

## କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦାବିରେ

# ତିତ୍‌ଲି ବାତ୍ୟା ପୀଡ଼ିତ ସମିତି ତରଫରୁ ବିଶାଳ ରାଲି

ଆର.ଉଦୟଗିରି,୨୨।୧୦(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକର ତିତ୍‌ଲି ବାତ୍ୟା ପୀଡ଼ିତ ସମିତି ପକ୍ଷରୁ ସୋମବାର ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ଶିବ ମନ୍ଦିରରୁ ବାହାରି ହାଟପଦାଠାରେ ସାଧାରଣ ସଭା ହୋଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟା ସୁପ୍ରଭା ମଣ୍ଡଳ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ। ପରେ ରାଲି ବସ୍‌ଷ୍ଟାଣ୍ଡରେ ପହଞ୍ଚି ସେଠାରେ ମଧ୍ୟ ସାଧାରଣ ସଭା ହୋଇଥିଲା। ସେଠାରେ ବ୍ଲକ ଉପାଧକ୍ଷ ନବୀନ ରଇତ ସରକାର ବାତ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଅନ୍ତୁ ନଚେତ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ବ୍ଲକର ସମସ୍ତ କ୍ଷତିଗ୍ରସ୍ତ ଲୋକଙ୍କୁ ସମାନ କ୍ଷତିପୂରଣ ଦେବାକୁ ସେ ଦାବି କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବିପତ୍ର ସ୍ଥାନୀୟ ବିଡିଓ ପ୍ରଦୀପ କୁମାର ନାୟକଙ୍କୁ ପ୍ରଦାନ କରିଥିଲେ। କୃଷିଋଣ ସମ୍ପୂର୍ଣ୍ଣ ଛାଡ଼, ଚାଳଘର ଓ ଟିଣଘର ଭାଙ୍ଗିଥିବା ବ୍ୟକ୍ତିଙ୍କୁ ପକ୍କାଘର ଦିଆଯାଉ, ଜଳସେଚନ, ଅଣଜଳସେଚନ, ଜଙ୍ଗଲ ଜମି ଚାଷ କରୁଥିବା ଚାଷୀଙ୍କୁ ସମାନ କ୍ଷତିପୂରଣ ପ୍ରଦାନ, ମୃତ ବ୍ୟକ୍ତିଙ୍କ ପରିବାରକୁ ୨୦ ଲକ୍ଷ ପ୍ରଦାନ, ପ୍ରତ୍ୟେକ ଗ୍ରାମର ବାତ୍ୟା ଆଶ୍ରିତ ପକ୍କାଘର ନିର୍ମାଣ, କେବଳ ରାଶନକାର୍ଡ ବ୍ୟକ୍ତିଙ୍କୁ ନୁହେଁ ସମସ୍ତଙ୍କୁ ରିଲିଫ ସହାୟତା ଯୋଗାଇ ଦିଆଯାଉ ଆଦି ଦାବି ଅନ୍ତର୍ଭୁକ୍ତ। ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଦ୍ୱାରା ବିରାଟ ରାଲି ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଅଶୋକ ରଣଜିତ, ତ୍ରିନାଥ ଶବର, ବ୍ଲକ ଉପାଧକ୍ଷ ନବୀନ ରଇତ, ଜିଲା ପରିଷଦ ସଭ୍ୟା ସୁପ୍ରଭା ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ।

# ଅଗ୍ନିକାଣ୍ଡରେ ପୋଡ଼ିଗଲା ୪ ବଖରା

ବୁଗୁଡ଼ା,୨୨।୧୦(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ପୁରୁଣା ପାଣିକେଶର ଗ୍ରାମରେ ସୋମବାର ଅପରାହ୍ନ ପ୍ରାୟ ୪ଟାରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୪ ପରିବାରଙ୍କ ୪ ବଖରା ପୋଡ଼ିଯାଇଛି। ଅଗ୍ନିକାଣ୍ଡରେ ଉକ୍ତ ଗ୍ରାମର ଶିବ ନାୟକ, ପ୍ରମୋଦ ନାୟକ, ହାଡୁ ନାୟକ ଓ ଟୁଣିଆ ନାୟକଙ୍କ ଗୋଟିଏ ଲେଖାଏ ବଖରା ପୋଡ଼ିଯିବା ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଯାଇଛି। ବୁଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେମାନଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହୋଇଛି। ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନା, ସରପଞ୍ଚ ପ୍ରତିନିଧି ସୁଶାନ୍ତ ପ୍ରଧାନ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।






# ଭାଜପା ତରଫରୁ ଦାବିପତ୍ର ପ୍ରଦାନ

**କୁକୁଡ଼ାଖଣ୍ଡି,୨୨।୧୦(ଡି.ଏନ.ଏ.)** ଭାଜପା ତରଫରୁ କୁକୁଡ଼ାଖଣ୍ଡି ଅତିରିକ୍ତ ତହସିଲଦାର ପ୍ରିୟଙ୍କା ନାହାକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରୋଜଗାର ଆଶାରେ ଯୁବକମାନେ ଓଡ଼ିଶା ଛାଡ଼ି ବାହାର ରାଜ୍ୟକୁ ଯାଉଛନ୍ତି। ମେକ୍ ଇନ ଓଡ଼ିଶା ଓ ଇନଭେଷ୍ଟମେଣ୍ଟ କନକ୍ଲେଭ ନାମକୁ ମାତ୍ର। ଏଭଳି ବିପର୍ଯ୍ୟୟ ସ୍ଥିତି ରାଜ୍ୟରେ ସୃଷ୍ଟି କରିଥିବା ସରକାର ଯୁବକମାନଙ୍କୁ କାମ ଯୋଗାଇ ଦେବାକୁ ଭାଜପା ତରଫରୁ ଦାବିପତ୍ରରେ ଉଲ୍ଲେଖ ରହିଛି। ୧୦ ଦିନ ମଧ୍ୟରେ ସମାଧାନର ପନ୍ଥା ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାଜପା ଗଞ୍ଜାମ ଜିଲା ଯୁବ ସଭାପତି ସିଦ୍ଧାନ୍ତ ଗଙ୍ଗଦେବଙ୍କ ଆହ୍ୱାନକ୍ରମେ ଭାଜପା ନେତୃବୃନ୍ଦ କେ. ଫିରୋଜ ରାଓ, ଏ. ନନ୍ଦ କିଶୋର, ଗୋବିନ୍ଦ ବିଶୋୟୀ, ସୂର୍ଯ୍ୟ ନାରାୟଣ ପାତ୍ର, ପ୍ରଶାନ୍ତ ଗୌଡ଼ ଓ ବ୍ଲକର ବହୁ କର୍ମୀ ସାମିଲ ଥିଲେ।

## ପାଣି ସୁଅରେ ଘର ସହ ୬ଜଣ ଭାସିଯିବା ଘଟଣା

# ଆଉ ଜଣଙ୍କ ମୃତଦେହ ମିଳିଲା

ସୋରଡା,୨୨।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୋରଡାଠାରୁ ଦାରିଙ୍ଗବାଡି ଜାତୀୟ ରାଜପଥ ନଂ.୫୯ ପାର୍ଶ୍ୱରେ ଥିବା ଗାଜଲବାଡି ପଞ୍ଚାୟତ ଆମ୍ବକଣ ଗାଁ ନିକଟ ଅଡାଙ୍ଗି ନାଳରେ ବନ୍ୟାପାଣି ଆସିବାରୁ ଗତ ୧୧ ତାରିଖରେ ଘର ସହ ୬ ଜଣ ଭାସି ଯାଇଥିଲେ। ୧୨ ତାରିଖରେ ଓଡ୍ରାଫ୍ ଟିମ୍ ଗୋରୁ ଚରାଳି ପ୍ରଫୁଲ୍ଲ ମଲ୍ଲିକଙ୍କ ମୃତଦେହ ଉଦ୍ଧାର କରିଥିବାବେଳେ ୧୪ ତାରିଖରେ ରଜନୀ ମଲ୍ଲିକଙ୍କ ମୃତଦେହ ଏକ ପରିତ୍ୟକ୍ତ ବୁଦାମୂଳରୁ ଉଦ୍ଧାର ହୋଇଥିଲା। ସୋମବାର ନକୁଳ ମଲ୍ଲିକଙ୍କ ମୃତଦେହ ଉଦ୍ଧାର ହୋଇଥିବା ସୋରଡା ଥାନାଧିକାରୀ ପ୍ରଭାତ ସାହୁ ସୂଚନା ଦେଇଛନ୍ତି। ସକାଳ ପ୍ରାୟ ସାଢେ ୯ଟାରେ ବାଲିରେ ପୋତି ହୋଇଯାଇଥିବା ମୃତଦେହକୁ ସୂଚନା ପାଇଁ ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପ୍ରକାଶ ଯେ, ଆମ୍ବକଣ ଗ୍ରାମର ବିଜୟ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ରଜନୀ ମଲ୍ଲିକ, ବଡପୁଅ ଆନନ୍ଦଙ୍କ ସ୍ତ୍ରୀ ପତି, ସାନପୁଅ ମଧୁ, ପଡୋଶୀ ନକୁଳ ମଲିକ ତିତ୍‌ଲି ପରେ ଆସିଥିବା ବନ୍ୟା ଦାଉରୁ ରକ୍ଷା ପାଇବାକୁ ଅଡାଙ୍ଗି ନାଳ ନିକଟସ୍ଥ ତାଙ୍କ ଘର ଛାତ ଉପରେ ଆଶ୍ରୟ ନେଇଥିଲେ। ଏହି ସମୟରେ ଜୋରରେ ପାଣି ଆସିଥିଲା। ନିକଟରେ ଗୋରୁ ଚରାଉଥିବା ପ୍ରଫୁଲ୍ଲ ଏମାନଙ୍କୁ ଉଦ୍ଧାର କରିବାକୁ ଯିବାବେଳେ ସମସ୍ତେ ସ୍ରୋତରେ ଭାସି ଯାଇଥିଲେ।

### ଔଷଧ ଭାବି ବିଷ ପିଇ ମହିଳା ମୃତ

ପାତ୍ରପୁର,୨୨।୧୦(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତ ଚରିଆବାଡ଼ ଗ୍ରାମର ଜଣେ ମହିଳା ପେଟ ବ୍ୟଥା ଔଷଧ ଭାବି ବିଷ ପିଇ ମୃତ୍ୟୁ ବରଣ କରିଛନ୍ତି। ସେ ହେଲେ ନରେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ରେଣୁ ପ୍ରଧାନ। ସୋମବାର ଅପରାହ୍ନରେ ରେଣୁଙ୍କର ପେଟ ବ୍ୟଥା ହେଉଥିଲା। ଘରେ ଥିବା ଉଇମରା ଔଷଧକୁ ପେଟ ବ୍ୟଥା ଔଷଧ ଭାବି ପିଇ ଦେଇ ବାନ୍ତି କରି ଗୁରୁତର ହୋଇଥିଲେ। ସ୍ୱାମୀ ଓ ଗ୍ରାମବାସୀ ମିଶି ତାଙ୍କୁ ପାତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି।

### ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ଜେଲ ଗଲେ ଶିକ୍ଷକ

ପାତ୍ରପୁର,୨୨।୧୦(ଡି.ଏନ୍.ଏ.)

ଜରଡା ଥାନା ଅଞ୍ଚଳର ଏକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କୁ ଜାତିଆଣ ଆକ୍ଷେପ ଓ ଅସଦାଚରଣ ଅଭିଯୋଗରେ ସୋମବାର ଜରଡା ପୋଲିସ ସେହି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶିକ୍ଷକ ଜଣକ ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଟଣାଓଟଣା କରିଥିବା ଶିକ୍ଷୟିତ୍ରୀ ଜରଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୭୦/୧୮ରେ ଏକ ମାମଲା ରୁଜୁ କରି ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟିକିଟି ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ - ତଥାଗତ ସତପଥୀ